Bhanjabhumi Krushak Katha

**ପଦଚାଳିତ ଧାନଅମଳ ଯନ୍ତ୍ର ବ୍ୟବହାର ଦ୍ୱାରା ଖର୍ଚ୍ଚ, ସମୟ ଓ ପରିଶ୍ରମ କମ୍ ହୋଇଥାଏ**

## ସଫଳ ଚାଷୀ




### ହରିହର ନାଏକ

ପି : ସୁନାରାମ ନାଏକ
ଗ୍ରାମ: ଜୁଆଳି ରାମା
ପୋଷ୍ଟ: ଆମ୍ବାଡାଳି
ବ୍ଲକ: ଶ୍ୟାମଖୁଣ୍ଟା
ବୟସ: ୨୭ବର୍ଷ

କୃତି ଚାଷୀ ହରିହର ନାଏକ ଜଣେ ଉଦ୍ୟମୀ, ଆଗୁଆ ଏବଂ ପରିଶ୍ରମୀ ଯୁବଚାଷୀ । ନିଜର ତିନି ଏକର ଜମିରେ ସେ ଧାନଚାଷ, ଚିନାବାଦାମ ଚାଷ ଏବଂ ପନିପରିବା ଚାଷ କରି ପ୍ରାୟ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ କରିପାରୁଛନ୍ତି । ଏହାସହିତ ମଧ ସେ ୨୫୦ଟି କୁକୁଡ଼ା ରଖି ସେଥିରୁ ଲକ୍ଷାଧିକ ଟଙ୍କା ଲାଭ ପାଉଛନ୍ତି । ବାସ୍ତବରେ ସେ ଅନ୍ୟ ଯୁବଚାଷୀଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ।





## ଧାନ ଚାଷରେ ପିଣ୍ଡ ବିହନ ଉତ୍ପାଦନର ପଦକ୍ଷେପ




ଆମ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ୨୦୨୧-୨୨ ଖରିଫ ଋତୁରେ ନିଜର ୧୪ ହେକ୍ଟର ପରିମିତ ଜମିରେ୪୫୬ କ୍ୱିଣ୍ଟାଲ ସ୍ୱର୍ଣ୍ଣ ସବ୍-୧ ଧାନ କିସମର ପିଣ୍ଡ ବିହନ ଉତ୍ପାଦନ କରାଯାଇ ବିଭିନ୍ନ ଚାଷୀଙ୍କୁ ସିଧାସଳଖ ତଥା ବିହନ କର୍ପୋରେସନ୍ ମାଧମରେ ଦିଆଯାଇ କିପରି ନିଜର ମଞ୍ଜି ନିଜେ ଚାଷୀମାନେ ପାଇପାରିବେ ଏବଂ ବିହନ ବ୍ୟାଙ୍କ ତିଆରି ହୋଇପାରିବ ସେ ଦିଗରେ ପ୍ରଚେଷ୍ଟା କରାଯାଇଥିଲା । ଏ ବର୍ଷ ମଧ ପୂଜା କିସମ ଧାନ ପିଣ୍ଡ ବିହନ ଉତ୍ପାଦନ ୧୪ହେକ୍ଟର ଜମିରେ କରାଯାଇଛି ।

## ଆମ ପରିବାର

**ପ୍ରମୁଖ ସଂପାଦକ**

ଡ. ସଂଘମିତ୍ରା ପଟ୍ଟନାୟକ, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**କାର୍ଯ୍ୟକାରୀ ସଂପାଦକ**

ଡ. ଜଗନ୍ନାଥ ପାତ୍ର

**ସହାୟତା:**

ଶ୍ରୀମତୀ ଝୁନିଲତା ଭୂୟାଁ
ଡ. ପ୍ଲାବିତା ରାୟ
ଇଂ ଗୋବିନ୍ଦ ଚନ୍ଦ୍ର ଧଳ
ଶ୍ରୀ ଜୀବନ କୁମାର ବିଶ୍ୱାଳ
ଶ୍ରୀ ରଘୁନାଥ ପତି
ଶ୍ରୀ ଅଂଶୁମାନ ଦେବାଶିଷ ନାୟକ
ଶ୍ରୀ ଜ୍ୟୋତିପ୍ରକାଶ ମିଶ୍ର

**ଯୋଗାଯୋଗ:**

କୃଷିବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧, ଶ୍ୟାମାଖୁଣ୍ଟା
ସା/ପୋ: ଶ୍ୟାମାଖୁଣ୍ଟା - ୭୫୭୦୪୯
ଫୋନ: ୯୪୩୭୧୪୭୯୩୪
E-mail: kvkmayurbhanj1.ouat@gmail.com
www.kvkmayurbhanj.org.in

**Subscribe to our official Youtube Channel Senior scientist and Head, KVK, Mayurbhanj-1**

## ନୂତନ ଯୋଗଦାନ





ଏହି କୃଷି ବିଜ୍ଞାନ କେନ୍ଦ୍ର ପରିବାରକୁ ପରିପୁଷ୍ଟ କରିଛନ୍ତି ନୂତନ ଭାବେ ଯୋଗଦେଇ ସଂପ୍ରସାରଣ ବିଭାଗର ବୈଜ୍ଞାନିକ ଡକ୍ଟର ଜଗନ୍ନାଥ ପାତ୍ର ଏବଂ କୃଷି ଯନ୍ତ୍ରପାତି ବିଭାଗ ବୈଜ୍ଞାନିକ ଡକ୍ଟର ଗୋବିନ୍ଦ ଚନ୍ଦ୍ର ଧଳ । ଏହି କେନ୍ଦ୍ରରେ କାର୍ଯ୍ୟରତ ସଂପ୍ରସାରଣ ବିଭାଗର ବିଷୟବସ୍ତୁ ବିଶେଷଜ୍ଞ ଦେବାଶିଷ ଜୟପୁରିଆଙ୍କ ଯଶୀପୁରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରକୁ ବଦଳି ପରେ ଏହି ସ୍ଥାନରେ ଜଗନ୍ନାଥ ପାତ୍ର ଯୋଗ ଦେଇଥିବାବେଳେ ଖାଲିଥିବା କୃଷି ଯାନ୍ତ୍ରିକ ବିଭାଗରେ ଗୋବିନ୍ଦ ଚନ୍ଦ୍ର ଧଳ ଯୋଗ ଦେଇଛନ୍ତି । ଉଭୟେ ପୂର୍ବରୁ ଯଶିପୁରର କୃଷି ବିଜ୍ଞାନ କେନ୍ଦ୍ରରେ କାର୍ଯ୍ୟରତ ଥିଲେ । ଉଭୟଙ୍କର ଦୀର୍ଘଦିନର ଅଭିଜ୍ଞତାକୁ ଏଠାରେ ଉପଯୋଗ କରି ଅଧିକ କାର୍ଯ୍ୟ ଦକ୍ଷତାର ପରିଚୟ ଦେବା ଆଶା କରାଯାଏ ।

This News letter is Printed, Published & Owned by Senior Scientist and Head, KVK, Mayurbhanj-I, Shyamakhunta, Dist: Mayurbhanj, Odisha, Pin: 757049,
Phone: 06792-211555, e-mail:kvkmayurbhanj1@gmail.com, Web: www.kvkmayurbhanj.org.in, Printed at: ankitagraphics, BBSR, Cell:9437077337
**Chief Editor:** Dr. Sanghamitra Patnaik





# ଭଞ୍ଜଭୂମି କୃଷକ କଥା

**The Bhanjbhumi Krushak Katha**



କୃଷି ବିଜ୍ଞାନ କେନ୍ଦ୍ର ମୟୂରଭଞ୍ଜ-୧ ଶ୍ୟାମାଖୁଣ୍ଟା

ସମ୍ବାଦ, ସନ୍ଦେଶ, ସାଫଲ୍ୟର ସବୁଜ ସୂଚନା

Krishi Vigyan Kendra Mayurbhanj-1 Shyamakhunta





ଷଡ଼ଦଶ ପ୍ରତିବେଦନ | ଅପ୍ରେଲ-ସେପ୍ଟେମ୍ବର ୨୦୨୨ | ସେପ୍ଟେମ୍ବର ୨୦୨୨

## କୁଳପତିଙ୍କ ବାର୍ତ୍ତା



(ପ୍ରଭାତ କୁମାର ରାଉଳ)
କୁଳପତି

କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ନୂତନ ଜ୍ଞାନକୌଶଳକୁ କୃଷକଙ୍କ ନିକଟରେ ପହଞ୍ଚାଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ତାଲିମ୍, କ୍ଷେତ୍ରପରୀକ୍ଷଣ, ପ୍ରଦର୍ଶନୀ କ୍ଷେତ୍ର ଆଦି କାର୍ଯ୍ୟକ୍ରମ ମାଧ୍ୟମରେ କୃଷକମାନଙ୍କୁ ନୂତନ କୃଷି କାର୍ଯ୍ୟ ପ୍ରତି ପ୍ରୋତ୍ସାହିତ କରାଯାଇଥାଏ । ଏ ଦିଗରେ ମୟୂରଭଞ୍ଜ ଜିଲ୍ଲାର ଶାମାଖୁଣ୍ଟା ଠାରେ ଅବସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ଭୂମିକା ବେଶ୍ ଉଲ୍ଲେଖଯୋଗ୍ୟ । ଏହି କେନ୍ଦ୍ର ଦ୍ୱାରା ଉପକୃତ ହୋଇ ଅନେକ କୃଷକ ସେମାନଙ୍କ ଆୟବୃଦ୍ଧି କରିବାରେ ସକ୍ଷମ ହୋଇପାରିଛନ୍ତି । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର ମୟୂରଭଞ୍ଜ-୧ ତରଫରୁ ତ୍ରୟମାସିକ ପତ୍ରିକା "ଭଞ୍ଜଭୂମି କୃଷକ କଥା" ପ୍ରକାଶ ପାଉଥିବାର ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ଆଶା କରୁଛି, ଏହି ପତ୍ରିକା ମାଧ୍ୟମରେ କୃଷି ଓ ଆନୁଷଙ୍ଗିକ ସମ୍ପର୍କିତ ଜ୍ଞାନକୌଶଳ ଏବଂ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟାବଳୀ ବିଷୟରେ ଜନସାଧାରଣ ଅବଗତ ହୋଇପାରିବେ ।

(ପ୍ରଭାତ କୁମାର ରାଉଳ)

## ସଂପ୍ରସାରଣ ଶିକ୍ଷା ଅଧକ୍ଷଙ୍କ ବାର୍ତ୍ତା



ପ୍ରଫେସର ପ୍ରଶନ୍ନଜିତ ମିଶ୍ର
ଅଧକ୍ଷ, ସଂପ୍ରସାରଣ ଶିକ୍ଷା

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧ ଏକ ଉତ୍କୃଷ୍ଟ କେନ୍ଦ୍ର ରୂପେ ଆଜି ଜନମାନସରେ ପରିଚିତ ହୋଇପାରିଛି । ଜିଲ୍ଲାରେ କାର୍ଯ୍ୟ କରୁଥିବା କୃଷି, ଉଦ୍ୟାନ କୃଷି ଏବଂ ଅନ୍ୟ ଆନୁସଙ୍ଗିକ ବିଭାଗଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରି ନୂତନ ଉନ୍ନତ ଜ୍ଞାନକୌଶଳକୁ ଚାଷୀମାନଙ୍କ ପାଖରେ ପହଞ୍ଚାଇବାକୁ ପ୍ରୟାସ ଜାରି ରଖିଛି ଆମର ଏହି କେନ୍ଦ୍ର । ଏହି କେନ୍ଦ୍ର ପରିସର ସ୍ଥିତ ବିଭିନ୍ନ ପ୍ରଦର୍ଶନ ଏକକ ପରିପାଳନ ଉତ୍ପାଦନ ଯଥା ଧାନର ପିଣ୍ଡବିହନ, ଉନ୍ନତ ଚାରା ଉତ୍ପାଦନ, ଉନ୍ନତ ପ୍ରଜାତିର କୁକୁଡ଼ା ଚିଆଁ, ମହୁମାଛି ପାଳନ, ସମନ୍ୱିତ କୃଷି, ପାକଶାଳା ବଗିଚା, ଜିଆଖତ, ଆଜୋଲା ଏବଂ ଛତୁଚାଷ ଉତ୍ପାଦନ ଆଦି ଚାଷୀମାନଙ୍କ ପାଇଁ ବେଶ୍ ଶିକ୍ଷଣୀୟ ଏବଂ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି । ପାଣିପାଗର ପୂର୍ବାନୁମାନ, କୃଷି ପରାମର୍ଶ ଆଦି ଚାଷୀମାନଙ୍କୁ ମୋବାଇଲ୍ ମାଧ୍ୟମରେ ଅବଗତ କରାଇ ଚାଷୀମାନଙ୍କ ପାଖରେ ଆସ୍ଥାଭାଜନ ହୋଇପାରିଛି । ବିଭିନ୍ନ ସଚେତନତାଧର୍ମୀ, ରୋଗପୋକ ସମସ୍ୟାର ନିଦାନ ଏବଂ କୃଷି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ଉନ୍ନତ ଜ୍ଞାନକୌଶଳ ଆଦିକୁ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରି ୧୦୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ପଞ୍ଜିକୃତ କରିବାର ଗୌରବ ହାସଲ କରିପାରିଛି । କୃଷି ବିଜ୍ଞାନକେନ୍ଦ୍ରର ୟୁଟ୍ୟୁବ୍ (YouTube) ଭିଡ଼ିଓକୁ ଦେଖି ଅନେକ ଚାଷୀ ଉପକୃତ ହେଉଛନ୍ତି । ଦେଶରୁ ପୁଷ୍ଟିହୀନତାକୁ ଦୂରେଇଦେବା ପାଇଁ ଏବଂ ସମସ୍ତଙ୍କ ଥାଳିରେ ଡାଲିକୁ ସୁଲଭ ମୂଲ୍ୟରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖି ଏହି କୃଷି ବିଜ୍ଞାନକେନ୍ଦ୍ର ଡାଲି ଜାତୀୟ ଫସଲ ବିହନ ଉତ୍ପାଦନ କେନ୍ଦ୍ର ମାଧ୍ୟମରେ ମୁଗ ବିହନ ଉତ୍ପାଦନ ଜାରି ରଖିଛି । ସେହିପରି ପ୍ରତିବର୍ଷ ୪୫ ଟନ୍ ପର୍ଯ୍ୟନ୍ତ ଧାନ ପିଣ୍ଡ ବହନ ଉତ୍ପାଦନ କରି ଜିଲ୍ଲା ତଥା ରାଜ୍ୟରେ ବିହନ ଆବଶ୍ୟକତାକୁ ପୂରଣ କରିବା ପାଇଁ ଚେଷ୍ଟିତ ରହିଛି ।

ମୁଁ ଏହି କେନ୍ଦ୍ରର ଉନ୍ନତି, ଏଠାରେ କାର୍ଯ୍ୟରତ ବୈଜ୍ଞାନିକ ଓ କର୍ମଚାରୀଙ୍କର ସେବା ମନୋବୃତ୍ତି ବୃଦ୍ଧି ଏବଂ ମୟୂରଭଞ୍ଜ ଜିଲ୍ଲା ଚାଷୀଭାଇ ଭଉଣୀମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

ଅଧକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ

## ବରିଷ୍ଠ ବୈଜ୍ଞାନିକଙ୍କ କଲମରୁ



ଡ଼ଃ ସଂଘମିତ୍ରା ପଟ୍ଟନାୟକ
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ରର ନିଜକଥା

କୃଷି ଏବଂ କୃଷକର ଉନ୍ନତି ହେଲେ ଦେଶର ଉନ୍ନତି ହୋଇପାରିବ । ପରିବର୍ତ୍ତିତ ପ୍ରତିକୂଳ ପରିସ୍ଥିତି ଚାଷକାର୍ଯ୍ୟରେ ଆଜି ଅନ୍ତରାୟ ସୃଷ୍ଟିକରିଛି । ଆମ ଜିଲ୍ଲାରେ କେତେବେଳେ ଆବଶ୍ୟକ ସ୍ଥଳେ ବର୍ଷା ହେଉନାହିଁ ତ କେବେ ଅଦିନିଆ ବର୍ଷା ଚାଷୀର ମେରଦଣ୍ଡକୁ ଭାଙ୍ଗିଦେଉଛି । ପ୍ରାକୃତିକ ଦୁର୍ବିପାକ ଏବଂ ରୋଗ ପୋକ ସମସ୍ୟା ଖାଲି ଆମ ଜିଲ୍ଲାରେ ନୁହେଁ ସମଗ୍ର ଦେଶରେ ବିକଟ ସମସ୍ୟା ସୃଷ୍ଟିକରିଛି । ସବୁପରେ ବି ଆମେ ନିରନ୍ତର ଆଗେଇ ଚାଲିଛନ୍ତି, ଜାତୀୟସ୍ତରରେ ଖାଦ୍ୟ ଶସ୍ୟ ଉତ୍ପାଦନରେ ପ୍ରଥମ ହୋଇଛନ୍ତି ଏବଂ ଦେଶରେ ଛତୁ ଉତ୍ପାଦନରେ ଦ୍ୱିତୀୟ ସ୍ଥାନ ହାସଲକରି ଗୃହିଣୀ, ମହିଳା ଏବଂ ଯୁବଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିପାରିଛନ୍ତି । ଚାଷକାର୍ଯ୍ୟକୁ ସନ୍ତୁଳିତ ଏବଂ ଆୟରେ କ୍ରମାଗତ ବୃଦ୍ଧି କରିବାକୁ ହେଲେ ନୂତନ କୃଷି ଭିତ୍ତିକ ଉନ୍ନତ ଜ୍ଞାନ କୌଶଳ ଜାଣିବା ସହିତ ପାଣିପାଗ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଚାଷକାର୍ଯ୍ୟ କରିବାକୁ ପଡିବ । କୃଷି ଏବଂ ଆନୁସଂଗିକ କ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲାର ବିକାଶ ପାଇଁ କୃଷି ବିଜ୍ଞାନ କେନ୍ଦ୍ର ସଂକଳ୍ପ ବଦ୍ଧ । ଅର୍ଦ୍ଧ ଶିକ୍ଷିତ ଗ୍ରାମାଞ୍ଚଳର ଯୁବକ ଯୁବତୀ ହୁଅନ୍ତୁ କିମ୍ବା ଉଚ୍ଚ ଶିକ୍ଷିତ ବେକାର ଯୁବକ ଯୁବତୀ ସେମାନେ କିଭଳି ସ୍ୱାବଲମ୍ବନଶୀଳ ହୋଇ ରାଜ୍ୟ ତଥା ଦେଶର ବିକାଶରେ ଭାଗିଦାର ହୋଇପାରିବେ ସେଥିପାଇଁ ଆମର ଏହି କେନ୍ଦ୍ର ସର୍ବଦା ଚେଷ୍ଟିତ । ଉଦ୍ୟୋଗ ଭିତ୍ତିକ ତାଲିମ୍ ପ୍ରଦାନ କରିବା ସହିତ ଆମରି ଏହି କେନ୍ଦ୍ର ଉଦ୍ୟୋଗ ନିମିତ୍ତ ଆଗ୍ରହୀ ବ୍ୟକ୍ତି, ଅନୁଷ୍ଠାନକୁ ସର୍ବଦା ପ୍ରୋତ୍ସାହିତ କରିଆସିଛି । ଡାଲି ଦର ବୃଦ୍ଧି ଏବଂ ପୁଷ୍ଟିହୀନତାକୁ ରୋକିବା ପାଇଁ କେନ୍ଦ୍ରିୟ ପଲସ୍ ସିଡ୍ ହବ ଯୋଜନା ଆମର ଏଠାରେ ଚାଲୁଛି । କୃଷି ବିଜ୍ଞାନ କେନ୍ଦ୍ର ମଧ୍ୟରେ ଥିବା ଶୈକ୍ଷିକ ଫାର୍ମ ପରିସରରୁ କ୍ରମାଗତ ଭାବେ ପିଣ୍ଡ ବିହନର ଉତ୍ପାଦନ କାର୍ଯ୍ୟକ୍ରମ ଚାଲୁରହିଛି । ଆମ କେନ୍ଦ୍ର ମାଧ୍ୟମରେ ସିସା, ସିମିଟ୍ ଭଳି ଆନ୍ତର୍ଜାତୀୟ ପ୍ରୋଜେକ୍ଟ ଚାଲୁରହିଛି । ଆଦିବାସୀ ଜନଜାତିମାନଙ୍କର ସାମାଜିକ ଏବଂ ଆର୍ଥିକ ବିକାଶକୁ ଦୃଷ୍ଟିରେ ରଖି କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧ ଆଦିବାସୀ ଉପଯୋଜନା ମାଧ୍ୟମରେ ନିଜ କେନ୍ଦ୍ର ପରିସରରୁ ଉତ୍ପାଦିତ ଉନ୍ନତ କିସମର ପନିପରିବା ଚାରା, ବନରାଜା କୁକୁଡ଼ା ଚିଆଁ ଏବଂ ଛତୁ ମଞ୍ଜି ଆଦି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ବିତରଣକରି ଏହାର ବୈଷୟିକ ଜ୍ଞାନ କୌଶଳକୁ ଅବଗତ କରାଇଛି । ଆମର ଏହି କେନ୍ଦ୍ର ବିଗତ ଦିନ ମାନଙ୍କରେ ବିଭିନ୍ନ କୃଷି ଭିତ୍ତିକ କର୍ମଶାଳା, କୃଷି ମେଳା, ପ୍ରଦର୍ଶନୀ ଏବଂ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଚାଷୀମାନଙ୍କୁ ଉନ୍ନତ ଜ୍ଞାନ କୌଶଳ ସମ୍ବନ୍ଧରେ ଅବଗତ କରାଇବା ସହିତ ପ୍ରାକୃତିକ ସଂପଦର ସୁରକ୍ଷା କରାଯିବା ଉପରେ ଗୁରୁତ୍ୱ ପ୍ରଦାନ କରିଛି । ପାଣିପାଗ ଭିତ୍ତିକ ସୂଚନା, କୃଷି ପରାମର୍ଶ ଆଦି ଚାଷୀମାନଙ୍କୁ ମୋବାଇଲ୍ ମାଧ୍ୟମରେ ଅବଗତ କରାଯାଉଛି । ଆଗାମୀ ଦିନମାନଙ୍କରେ ଏହି କେନ୍ଦ୍ର ଚାଷ ଏବଂ ଚାଷୀର ଉନ୍ନତି ପାଇଁ ତାର ପ୍ରୟାସ ଜାରି ରଖିବ ବୋଲି ମୁଁ ଏହି ପତ୍ରିକା ମାଧ୍ୟମରେ ପ୍ରତିଶୃତି ଦେଉଛି ।

ସଂଘମିତ୍ରା ପଟ୍ଟନାୟକ
(ସଂଘମିତ୍ରା ପଟ୍ଟନାୟକ)

## ଆଜିର ଆହ୍ୱାନ, ଚାଲ କରିବା ପୋଷଣ ଅଭିଯାନ



ଆମ କେନ୍ଦ୍ର ପରିସରରେ ଗତ ସେପ୍ଟେମ୍ବର ମାସ ୧୭ତାରିଖରେ ପୋଷଣ ଅଭିଯାନ ଏବଂ ଚାରା ରୋପଣ କାର୍ଯ୍ୟକ୍ରମ ପୋଷଣ ମାସ ଉପଲକ୍ଷେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସଂଘମିତ୍ରା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଇଫ୍‌କୋର ସାର ପରିଚାଳନା ବିଶେଷଜ୍ଞ ଅର୍ଜୁନ ଦାସ ଓ ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜିକା ଭାରତୀ ବେଶ୍ରା ଯୋଗଦେଇ କିପରି ପୁଷ୍ଟିକର ଖାଦ୍ୟ ପାଇବା ପାଇଁ ଆମେ ପୋଷଣ ବଗିଚା ଆମ ଆଗଣାରେ ସ୍ଥାପନ କରିବା ସେ ସମ୍ପର୍କରେ ଅବତାରଣା କରିଥିଲେ । ଏହି ବୈଠକରେ ଯୋଗ ଦେଇଥିବା ଶତାଧିକ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଉନ୍ନତମାନର ଚାରା ଓ ପନିପରିବା ମଞ୍ଜି ଯୋଗାଇ ଦିଆଯାଇଥିଲା ।

## କେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲା ପରିଷଦ ପ୍ରତିନିଧି ମଣ୍ଡଳୀ

ଗତ ସେପ୍ଟେମ୍ବର ମାସ ୧୯ ତାରିଖରେ ମୟୂରଭଞ୍ଜ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଭାରତୀ ହାଂସଦାଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିନିଧି ମଣ୍ଡଳୀ କୃଷି ବିଜ୍ଞାନ କେନ୍ଦ୍ରର ପରିସର ପରିଦର୍ଶନ କରି ଏହାର ପ୍ରଦର୍ଶନ କ୍ଷେତ୍ର ସମୂହ ଅନୁଧ୍ୟାନ କରି ଉଚ୍ଚପ୍ରଶଂସା କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଏହି କେନ୍ଦ୍ର ଆଗାମୀ ଦିନରେ କିପରି ଅଧିକରୁ ଅଧିକ ଚାଷୀମାନଙ୍କୁ ଉନ୍ନତ ବିହନ, କୃଷି ଯନ୍ତ୍ରର ବ୍ୟବହାର ଓ ଔଷଧ ପ୍ରୟୋଗ ଉପରେ ସଚେତନ କରିବ ସେ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ୍, ଦୁର୍ଗା ମାରାଣ୍ଡି ଓ ନରେନ୍ଦ୍ର ହାଂସଦା ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।




## ଆର୍ଦ୍ରତାର ସୁଷମ ପରିଚାଳନା, ପାଳ ଛତୁର ଅମଳ ଦିଗୁଣା





ପାଳଛତୁ ଚାଷ ଏକ ସହଜ ସରଳ ଉପାର୍ଜନକାରୀ ଉଦ୍ୟୋଗ । ଏହି ଚାଷରେ ଉପଯୋଗୀ ପାଣିପାଗ ଅମଳ ଉପରେ ବିଶେଷ ପ୍ରଭାବ ପକେଇଥାଏ । ବିଶେଷ କରି ବାୟୁମଣ୍ଡଳୀୟ ଆର୍ଦ୍ରତାର ସଠିକ ପରିଚାଳନା ଛତୁଚାଷୀଙ୍କ ପାଇଁ ଅନେକ ମହତ୍ତ୍ୱ ରଖିଥାଏ । ଏହା ସାଧାରଣତଃ ୯୦ଭାଗ ପାଖାପାଖି ରହିଲେ ଛତୁ ଭଲ ଅମଳ ହୋଇଥାଏ । କିନ୍ତୁ ସାଧାରଣତଃ ଖରାଦିନେ, ବିଶେଷ କରି ଅପ୍ରେଲ, ମଇ ମାସରେ ଶୁଷ୍କ ବାୟୁମଣ୍ଡଳୀୟ କାରଣରୁ ଆର୍ଦ୍ରତାର ମାତ୍ରା କମିଯାଇଥାଏ ଏବଂ ଏହାଦ୍ୱାରା ମଧ୍ୟ ଛତୁ ଅମଳରେ ଫରକ ଆସେ । ଯାହା ପାଇଁ ଆର୍ଦ୍ରତାକୁ ବଢ଼େଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏକ ପ୍ରାୟୋଗିକ ବୈଜ୍ଞାନିକ କୌଶଳର କ୍ଷେତ୍ର ପରିକ୍ଷଣ ବଡ଼ଯୋଡ଼, ଖିରିଖିଆ ଏବଂ ଦେବେନ୍ଦ୍ରପୁର ଗ୍ରାମରେ ଛତୁ ଚାଷୀଙ୍କ କ୍ଷେତ୍ରରେ କରାଯାଇଥିଲା । ଏହି କୌଶଳ ମଧ୍ୟରେ ଚଟାଣରେ ୧ଫୁଟ ବାଲି ପ୍ରୟୋଗ ସହିତ ଘର କାନ୍ଥର ଚାରିପଟକୁ ଝୋଟ ବସ୍ତାରେ ଆବୃତ୍ତ କରି ସେଥିରେ fogger ବା ପାଣି ସିଞ୍ଚନ ଯନ୍ତ୍ର ଦ୍ୱାରା ପାଣି ପ୍ରୟୋଗ କରିବା ଦ୍ୱାରା ଆର୍ଦ୍ରତାକୁ ୯୦ଭାଗ ପର୍ଯ୍ୟନ୍ତ ବଢ଼େଇ ଦିଆଯାଇ ପାରିଥିଲା । ଏଥିରେ ଅମଳର ୩୫ରୁ ୫୦ଭାଗ ପର୍ଯ୍ୟନ୍ତ ଅଧିକ ଛତୁ ଉତ୍ପନ୍ନ ହେବାର ଦେଖାଯାଇଥିଲା । ଏହି ସଫଳତା ଅନ୍ୟ ଛତୁ ଉଦ୍ୟୋଗୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ଆଶା କରାଯାଏ ।

## ଆଦିବାସୀ ଚାଷୀ ଭାଇଭଉଣୀଙ୍କ ପାଇଁ ସ୍ୱତନ୍ତ୍ର ପଦକ୍ଷେପ

ଆମ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପରିଚାଳିତ ଆଦିବାସୀ ଉନ୍ନୟନ ଯୋଜନା ଦ୍ୱାରା ଆଦିବାସୀ ଭାଇ ଭଉଣୀମାନଙ୍କୁ ଉଦ୍ୟୋଗୀକରଣ କରିବାକୁ ପାଳଛତୁ ଚାଷ କରିବାକୁ ପ୍ରୋତ୍ସାହନ ସ୍ୱରୂପ ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ମଞ୍ଜି ଇତ୍ୟଦି ବିଭିନ୍ନ ଉପାଦାନ ପ୍ରଦାନ କରାଯାଇଥିଲା । ଏଥିସହିତ କୁକୁଡ଼ା ଚାଷରେ ନିଜ ବାଡ଼ି ଅଗଣାରେ ଚରି ବୁଲୁଥିବା ଉନ୍ନତ ପ୍ରଜାତିର ଉଭୟ ମାଂସ ଓ ଅଣ୍ଡାଦିଆ କୁକୁଡ଼ା ଚିଆଁ ରେନ୍‌ବୋ ରୁଷ୍ଟର ୧୫୫ଜଣ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇଥିଲା । ସେହିପରି ଅମୃତଭଣ୍ଡାର ଅଗ୍ରଣୀ କିସମ ରେଡ୍ ଲେଡି ଏବଂ ଉନ୍ନତମାନର ପନିପରିବା ଚାରା ମଧ୍ୟ ପ୍ରଦାନ କରାଯାଇ ଆଦିବାସୀ ଭାଇଭଉଣୀମାନେ କିପରି ଅଧିକ ଉପାର୍ଜନକ୍ଷମ ହୋଇପାରିବେ ଏବଂ ଚାଷ କ୍ଷେତ୍ରରେ ଉନ୍ନତି କରିପାରିବେ ସେଥିପାଇଁ ପଦକ୍ଷେପ ନିଆଯାଇଥିଲା ।













## ଘାସମରାର ଲାଭ ଅନେକ, ଖର୍ଚ୍ଚ କମ୍ ଫାଇଦା ଅଧିକ




ମୟୂରଭଞ୍ଜ ଜିଲ୍ଲାରେ ଖରିଫ ଋତୁରେ ଧାନଚାଷ ସବୁଠୁ ଅଧିକ ଅଞ୍ଚଳରେ ପ୍ରାୟ ତିନିଲକ୍ଷ ହେକ୍ଟରରୁ ବେଶି ଜମିରେ କରାଯାଇଥାଏ । ଏହି ଧାନଚାଷରେ ଘାସ ବା ତୃଣ ବାଛିବା ପାଇଁ ଅନେକ ଖର୍ଚ୍ଚାନ୍ତ ହେବାକୁ ହୋଇଥାଏ । ଆଜିର ସମୟରେ ଦିନକୁ ଦିନ ମଜୁରୀ ବଢ଼ିଯାଉଥିବାରୁ ଏବଂ ଠିକ୍ ସମୟରେ ଘାସ ବାଛିବାକୁ ଲୋକ ମିଳୁନଥିବାରୁ ଅମଳ ମଧ୍ୟ କମି ଯାଉଛି । ଏହାର ପ୍ରତିକାର ପାଇଁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ରାସାୟନିକ ଉପାୟରେ ପରିଚାଳନା କରିବାକୁ ଘାସମରା ଔଷଧ ପ୍ରେଟିଲାକ୍ଲୋର ଏବଂ ବେନ୍ ସଲ୍‌ଫ୍ୟୁରାନ ମିଥାଇଲର ସମ୍ମିଶ୍ରଣରେ ପ୍ରସ୍ତୁତ ଦ୍ରବଣ ଏକର ପିଛା ୨କି.ଗ୍ରା ହିସାବରେ ବାଲିରେ ମିଶାଇ ରୋଇବାର ତିନିଦିନ ଭିତରେ ପ୍ରୟୋଗ କରିବାକୁ ବିଭିନ୍ନ ସ୍ଥାନରେ କ୍ଷେତ୍ର ପରିଦର୍ଶନ କରାଯାଇଥିଲା । ଏହାପରେ ଥରେ ୪୫ଦିନରେ ଘାସ ବାଛିବାକୁ ପଡ଼ିଥାଏ । ଏହାଦ୍ୱାରା ଘାସ ବାଛିବା ପାଇଁ ଲୋକ ଦରକାର ଅନେକ କମିଯାଇଥାଏ । ଫଳରେ ଉତ୍ପାଦନ ଖର୍ଚ୍ଚ ହେକ୍ଟରକୁ ପାଖାପାଖି ୨୦୦୦ଟଙ୍କା କମ୍ ହେଉଥିବାବେଳେ ଅମଳ ମଧ୍ୟ ବଢ଼ିବା ଦେଖାଯାଇଥିଲା । ବାସ୍ତବରେ ଘାସମରା ଔଷଧର ବ୍ୟବହାର ଆଗାମୀ ଦିନରେ କୃଷକ ବନ୍ଧୁମାନଙ୍କୁ ଅନେକ ସହାୟତା ଦେବା ଆଶା କରାଯାଏ ।

Bhanjabhumi Krushak Katha